# NATIONAL NEWS BULLETIN (ODIA)

## 26 July 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମର ୧୩୬ତମ ସଂସ୍କରଣରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ମୋଦୀ ।
- ବିକଶିତ ଭାଇବ୍ରାଣ୍ଟ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ଆଜି ଅପରାହ୍ଣରେ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ ।
- ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଦାବି ପୂରଣ ଲାଗି ସରକାରଙ୍କ ସହମତି ପରେ ଆନ୍ଦୋଳନ ପ୍ରତ୍ୟାହୃତ କଲା ସିଜେପି ।

- ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ।

- ଲୋକସଭାରେ ଆସନ୍ତାକାଲି ଆଗତ ହେବ ସାଧାରଣ ପରୀକ୍ଷା ସଂଶୋଧନ ବିଧେୟକ ।

ଏବଂ

- କାର୍ଗିଲ ଯୁଦ୍ଧରେ ଭାରତୀୟ ସେନାର ବୀରତ୍ୱ ଓ ତ୍ୟାଗକୁ ସ୍ମରଣ କରି ଆଜି ଦେଶ ପାଳନ କରୁଛି କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ଣ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୩୬ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପିଏମ୍-ବିକଶିତ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଆଭାସୀ ଜରିଆରେ ବିକଶିତ ଭାଇବ୍ରେଣ୍ଟ୍ ଭିଲେଜ କାର୍ଯ୍ୟକ୍ରମର ପ୍ରତିଯୋଗୀଙ୍କ ସହ ବାର୍ତ୍ତାଳାପ କରିବେ । ଏହି କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ଜଣ ଯୁବ ପ୍ରତିଯୋଗୀ ପ୍ରତିନିଧିତ୍ୱ କରି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ । ବିକଶିତ ଭାଇବ୍ରେଣ୍ଟ୍

ଭିଲେଜ୍ କାର୍ଯ୍ୟକ୍ରମ ୨୦୨୬ ଗତମାସ ୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଲଦାଖ, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ୭୪ଟି ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଥିଲା । ଦେଶବ୍ୟାପୀ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଜରିଆରେ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା । ୩ ଲକ୍ଷରୁ ଅଧିକ ଯୁବ ପ୍ରତିଯୋଗୀ ଏହି ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗୀତାରେ ଭାଗ ନେଇଥିଲେ ।

କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନେ ସ୍ଥାନୀୟ ଜନସାଧାରଣଙ୍କ ସହ ରହି ସ୍ୱଚ୍ଛତା ଅଭିଯାନ, ସରକାରୀ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା, ଯୁବ ସମ୍ମିଳନୀ ଆୟୋଜନ, ସାଂସ୍କୃତିକ ଆଦାନ ପ୍ରଦାନ କାର୍ଯ୍ୟକ୍ରମ, ଚାରାରୋପଣ ଅଭିଯାନ, କ୍ଷୁଦ୍ର ମଡେଲ୍ ପଞ୍ଚାୟତ ଏବଂ ସ୍ଥାନୀୟ କାରିଗରଙ୍କ ସହ ଆଲୋଚନା କରି ବିଭିନ୍ନ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନେ ଭାରତର ସୀମାବର୍ତ୍ତୀ ଅଞ୍ଚଳର ସାମାଜିକ, ଆର୍ଥିକ ପରିଦୃଶ୍ୟ, ସାଂସ୍କୃତିକ ଐତିହ୍ୟ ଏବଂ ବିକାଶ ସମ୍ବନ୍ଧୀୟ ଆବଶ୍ୟକତା ଗୁଡ଼ିକ ସଂପର୍କରେ ପରିଚିତ ହୋଇଥିଲେ ।

## ପ୍ରେସିଡେଣ୍ଟ ଭିଜିଟ୍

ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସେ ମାଲ୍‌ଡୋଭା, ଉତ୍ତର ମାସିଡୋନିଆ ଏବଂ ରୋମାନିଆ ଗସ୍ତରେ ଯାଇ ସେହିସବୁ ଦେଶ ଗୁଡ଼ିକର ରାଷ୍ଟ୍ରାଧ୍ୟକ୍ଷଙ୍କ ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା କରିଥିଲେ। ଶ୍ରୀମତୀ ମୁର୍ମୁ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଏବଂ ବ୍ୟବସାୟ, ଶିକ୍ଷା,

ଡିଜିଟାଲ ପ୍ରଯୁକ୍ତି ବିଦ୍ୟା, ନବସୃଜନ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଥିଲେ ।

ମାଲ୍‌ଡୋଭା ଏବଂ ଉତ୍ତର ମାସିଡୋନିଆକୁ ଏହା କୌଣସି ଭାରତୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ ଥିଲା । ରୋମାନିଆକୁ ୩ ଦଶକରୁ ଅଧିକ ସମୟ ପରେ ଭାରତର ରାଷ୍ଟ୍ରପତି ସେଠାକୁ ଯାତ୍ରା କରିଥିଲେ ।

ରାଷ୍ଟ୍ରପତି ମୁର୍ମୁ ରୋମାନିଆର ପ୍ରଧାନମନ୍ତ୍ରୀ ତଥା ସଂସଦୀୟ ନେତାଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ଭାରତ–ରୋମାନିଆ ବ୍ୟବସାୟୀ ଫୋରମ୍‌କୁ ସମ୍ବୋଧନ କରିଥିଲେ । ରାଷ୍ଟ୍ରପତି ମୁର୍ମୁ ସେଠାରେ ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ କରିଥିଲେ ।

ଏହି ଅବସରରେ ବୁଖାରେଷ୍ଟଠାରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମାବେଶକୁ ସମ୍ବୋଧନ କରି ରାଷ୍ଟ୍ରପତି ସେମାନଙ୍କର ମାତୃଭୂମି ସହ ରହିଥିବା ଦୃଢ଼ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଭାରତୀୟଙ୍କ ସଫଳତା ଏବଂ ସମର୍ପଣ ପାଇଁ ଦେଶ ଗର୍ବିତ ବୋଲି ରାଷ୍ଟ୍ରପତି କହିଥିଲେ ।

ଗସ୍ତ ଅବସରରେ ରାଷ୍ଟ୍ରପତି ସେଠାକାର ସହିଦ ସ୍ମୃତି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାର୍ବଜନୀନ ସେବା ଏବଂ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ତାଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ବୁଖାରେଷ୍ଟ ଅର୍ଥନୈତିକ ଅଧ୍ୟୟନ ବିଶ୍ୱବିଦ୍ୟାଳୟ ରାଷ୍ଟ୍ରପତି ମୁର୍ମୁଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା। ଏଥିସହ ରାଷ୍ଟ୍ରପତି ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତ ଶେଷ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାଲଡୋଭା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର

ମାସିଡୋନିଆକୁ ଗସ୍ତ ଶେଷ କରି ରାଷ୍ଟ୍ରପତି ତୃତୀୟ ପର୍ଯ୍ୟାୟରେ ରୋମାନିଆ ଗସ୍ତରେ ଯାଇଥିଲେ।

## ନାଥୁଲା ଯାତ୍ରା

ସିକ୍କିମର ନାଥୁଲା ମାର୍ଗରୁ କୈଳାସ ମାନସରୋବର ଯାତ୍ରା ଶେଷ କରି ୫ମ ଦଳ ଗ୍ୟାଙ୍ଗଟକ୍ ପ୍ରତ୍ୟାବର୍ତ୍ତନ କରିଛି । ଯାତ୍ରାର ସଫଳ ଆୟୋଜନ ନେଇ ସିକ୍କିମର ପର୍ଯ୍ୟଟନ ବିକାଶ ନିଗମ ଗ୍ୟାଙ୍ଗଟକ୍‌ଠାରେ ଏକ ସମ୍ମାନ ସମାରୋହ ଆୟୋଜନ କରିଥିଲା । ସମାରୋହରେ ଯାତ୍ରୀମାନେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । ଚଳିତବର୍ଷ ନାଥୁଲା ମାର୍ଗ ଦେଇ ମୋଟ୍ ୧୦ଟି ଦଳ କୈଳାସ ମାନସରୋବର ଯାତ୍ରା କରୁଛନ୍ତି ।

## ଗଭ୍–ସିଜେପି ଟକ୍ସ

ସମସ୍ତ ଦାବି ପୂରଣ ଲାଗି ସରକାର ସହମତି ପ୍ରକାଶ କରିବା ପରେ ସିଜେପି ଆନ୍ଦୋଳନ ପ୍ରତ୍ୟାହୃତ କରିଛି । ଗତକାଲି କେନ୍ଦ୍ର ମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ଡକ୍ଟର ଜିତେନ୍ଦ୍ର ସିଂହ ସିଜେପି ପ୍ରତିନିଧି ମଣ୍ଡଳୀ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଦାବିଗୁଡ଼ିକ ଉପରେ ବୈଠକରେ ଆଲୋଚନା ହୋଇଥିଲା। ନୂଆଦିଲ୍ଲୀରେ ସିଜେପି ପ୍ରତିନିଧିମଣ୍ଡଳୀ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ନଡ୍ଡା ସିଜେପିର ଦାବିଗୁଡ଼ିକ ପ୍ରତି ସରକାର ସହମତି ପ୍ରକାଶ କରିଥିବା କହିଛନ୍ତି। ସେ

କହିଛନ୍ତି, ପ୍ରତିବାଦକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ ନାହିଁ। ଇତିମଧ୍ୟରେ ପଞ୍ଜୀକୃତ ହୋଇଥିବା ଏଫ୍.ଆଇ.ଆର୍.ଗୁଡ଼ିକୁ ପ୍ରତ୍ୟାହାର କରାଯିବ ବୋଲି ଶ୍ରୀ ନଡ୍ଡା ସ୍ପଷ୍ଟ କରିଛନ୍ତି। କ୍ଷତିପୂରଣ ପ୍ରସଙ୍ଗରେ ଶ୍ରୀ ନଡ୍ଡା କହିଛନ୍ତି, ଏଥିପାଇଁ ସରକାରଙ୍କ ପୂର୍ଣ୍ଣ ସହାନୁଭୂତି ରହିଛି ଏବଂ ନୀତିନିୟମ ଅନୁଯାୟୀ ସର୍ବାଧିକ କ୍ଷତିପୂରଣ ପ୍ରଦାନ କରିବାକୁ ନିଶ୍ଚିତ କରାଯିବ।

ଅନ୍ୟପକ୍ଷରେ ସିଜେପିର ମୁଖ୍ୟ ମୁଖପାତ୍ର ସୌରଭ ଦାସ ସମ୍ମିଳନୀରେ ସଦ୍‌ଭାବନାର ସହିତ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଥିବା ନେଇ ଘୋଷଣା କରିଥିଲେ। ସହମତ ହୋଇଥିବା ସର୍ତ୍ତାବଳୀଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟକାରୀ ହେବା ନେଇ ସେ ଏହି ଅବସରରେ ଆଶାବ୍ୟକ୍ତ କରିଛନ୍ତି। ଆନ୍ଦୋଳନକାରୀଙ୍କୁ ଶାନ୍ତି ଶୃଙ୍ଖଳାର ସହ ଫେରିଯିବା ଲାଗି ସିଜେପି ଜାତୀୟ ମୁଖପାତ୍ର ଆଶୁତୋଷ ରାଙ୍କା କହିଛନ୍ତି ।

## ଯୋଶୀ–ଏଜୁକେଶନ ମିନିଷ୍ଟର

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ନୂଆ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି । ସେ ନିଜ ବିଭାଗ ସହ ଅତିରିକ୍ତ ଭାବେ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଇବେ । ଶ୍ରୀ ଯୋଶୀ ଏବେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ଯୋଗାଣ ତଥା ନୂତନ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ବିଭାଗର ଦାୟିତ୍ୱରେ ଅଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

କହିଛନ୍ତି କେନ୍ଦ୍ର ମନ୍ତ୍ରିପରିଷଦରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଗ୍ରହଣ କରାଯାଇଛି ।

## ପାର୍ଲ୍ୟାମେଣ୍ଟ ବିଲ୍

ଲୋକସଭାରେ ଆସନ୍ତାକାଲି ସରକାର ସାଧାରଣ ପରୀକ୍ଷା, ସଂଶୋଧନ ବିଧେୟକ ୨୦୨୬ ଆଗତ କରିବେ । ଲୋକସଭାର ଆସନ୍ତାକାଲି କାର୍ଯ୍ୟସୂଚୀରେ ଏହି ବିଧେୟକକୁ ସାମିଲ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ବିଧେୟକ ଉପସ୍ଥାପନ କରିବେ । ଏହାର ଉଦ୍ଦେଶ୍ୟ ହେଉଛି ସାଧାରଣ ପରୀକ୍ଷା ଅଧିନିୟମ ୨୦୨୪ରେ ହୋଇଥିବା ସଂଶୋଧନ ଗୁଡ଼ିକୁ ଗ୍ରହଣ କରିବା । ଗତ ଶୁକ୍ରବାର କେନ୍ଦ୍ର ମନ୍ତ୍ରିମଣ୍ଡଳ ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷାରେ ଅନିୟମିତତା ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ ଏବଂ ଅଭିଯୁକ୍ତଙ୍କ ଲାଗି ଦଣ୍ଡ ବ୍ୟବସ୍ଥା କରିବା ସମ୍ବନ୍ଧୀୟ ବିଧେୟକକୁ ମଞ୍ଜୁରୀ ପ୍ରଦାନ କରିଥିଲା ।

## କାର୍ଗିଲ ବିଜୟ ଦିବସ

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ୧୯୯୯ ମସିହା କାର୍ଗିଲ ଯୁଦ୍ଧରେ ପ୍ରତିକୂଳ ପାଗ ସତ୍ତ୍ୱେ ଶତ୍ରୁକୁ ପରାସ୍ତ କରିବାରେ ଭାରତୀୟ ସୈନ୍ୟମାନଙ୍କର ବୀରତ୍ୱ ଏବଂ ତ୍ୟାଗକୁ ଆଜି ସ୍ମରଣ କରାଯାଉଛି । ପାକିସ୍ତାନ ବିପକ୍ଷରେ ଅପରେସନ ବିଜୟ ମାଧ୍ୟମରେ ଭାରତର ବଡ଼ ସଫଳତାକୁ ମନେ ପକାଇବା ସହିତ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ହେଉଛି ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅପରେସନ ମାଧ୍ୟମରେ ଭାରତୀୟ ସେନାବାହିନୀ ଜାମ୍ମୁ କାଶ୍ମୀରର କାର୍ଗିଲ ଜିଲ୍ଲାରୁ ପାକିସ୍ତାନୀ

ଆତଙ୍କବାଦୀ ଓ ଅନୁପ୍ରବେଶକାରୀଙ୍କୁ ନିପାତ କରିବାରେ ସଫଳ ହୋଇଥିଲେ । ଆଜି କାର୍‌ଗିଲ ବିଜୟ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଲଦାଖର ଦ୍ରାସ୍‌ସ୍ଥିତ କାର୍‌ଗିଲ ଯୁଦ୍ଧସ୍ମାରକୀଠାରେ ଅନୁଷ୍ଠିତ ହେଉଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କାର୍‌ଗିଲ ଯୁଦ୍ଧ ସ୍ମାରକୀରେ ଆଜି ସହିଦ ବୀର ଜବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏହି ଅବସରରେ ଶ୍ରୀ ସିଂହ ଏକ ଓ୍ୱାକ୍ ଥ୍ରୁ ପୋର୍ଟାଲର ଆଭାସୀ ଜରିଆରେ ଉଦ୍‌ଘାଟନ କରିବା ସହ ବୀର ନାରୀ ଏବଂ ବୀର ମାତାଙ୍କ ସହ ବାର୍ତ୍ତାଳାପ କରିବେ । ପ୍ରତିରକ୍ଷାମନ୍ତ୍ରୀ ସୌର୍ଯ୍ୟ ବିଜୟଯାତ୍ରା ମୋଟର ସାଇକଲ ର୍‍ୟାଲିର ମଧ୍ୟ ଆଜି ଶୁଭାରମ୍ଭ କରିବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଦେଶବ୍ୟାପୀ ଆଜି କାର୍ଗିଲ ବିଜୟ ଦିବସ ପାଳନ କରାଯାଉଛି। ଏହି ଉପଲକ୍ଷେ ଆକାଶବାଣୀର '**Person Behind the Story**' ଶୀର୍ଷକ କାର୍ଯ୍ୟକ୍ରମରେ କାର୍ଗିଲ ଯୁଦ୍ଧର ବୀର ସୈନିକ ମେଜର ଡି.ପି. ସିଂହଙ୍କ ସହ କାର୍ଗିଲ ଯୁଦ୍ଧ ସମ୍ପର୍କରେ ସାକ୍ଷାତ ଆଲୋଚନା ପ୍ରସାରଣ କରାଯିବ । ଆଜି ଅପରାହ୍ଣ ସାଢ଼େ ୧୨ଟାରେ ଏହି କାର୍ଯ୍ୟକ୍ରମ ୧୦୦ଦଶମିକ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲରେ  ପ୍ରସାରଣ ହେବ। ଏହି କାର୍ଯ୍ୟକ୍ରମ **NewsOnAir App** ଏବଂ **NewsOnAir Official YouTube channel** ରେ ମଧ୍ୟ ପ୍ରସାରଣ କରାଯିବ।

## କ୍ରିକେଟ୍

ଭାରତ-ଜିମ୍ବାୱେ ମଧ୍ୟରେ ପୁରୁଷ ୩ ଟିକିଆ ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜି ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ । ହରାରେ ସ୍ପୋର୍ଟ୍‌ସ କ୍ଲବରେ

ଭାରତୀୟ ସମୟ ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୯୦ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରି ସିରିଜ୍ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୧୯ ରନ୍ ସ୍କୋର କରିଥିବାବେଳେ ଏହାର ଜବାବରେ ଜିମ୍ବାୱେ ୧୭ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୯ରନ୍ ସ୍କୋର କରିଥିଲା ।

## ହକି

ଭାରତୀୟ ସବ୍ ଜୁନିୟର ପୁରୁଷ ହକି ଦଳ ଏଫ୍‌ଆଇଏଚ୍ ୟୁଥ୍ ହକି ଫାଇଭ ଏସିଆନ୍ ଚମ୍ପିଆନ୍‌ସିପ୍ ବିଜୟୀ ହୋଇଛି । ଫାଇନାଲ ପ୍ରତିଯୋଗିତାରେ ଭାରତ ୩-୧ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛି । ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ରୋମିତ ପାଲ, ଅଧିନାୟକ କେତନ କୁଶୱାହା ଏବଂ ଶାହାରୁଖ ଅଲ୍ଲୀ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଏହି ବିଜୟ ସହ ଭାରତ ଏଫ୍‌ଆଇଏଚ୍ ହକି ଫାଇଭ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି ।

ମହିଳା ବର୍ଗରେ ଭାରତୀୟ ସବ୍‌ଜୁନିୟର ଦଳ ଚୀନ୍ ସହ କଡ଼ା ମୁକାବିଲା ପରେ ରୌପ୍ୟପଦକ ହାସଲ କରିଛି । ଉଭୟ ପୁରୁଷ ଏବଂ ମହିଳା ଦଳର ବିଜୟ ପରେ ହକି ଇଣ୍ଡିଆ ଖେଳାଳିମାନଙ୍କ ଲାଗି ଆର୍ଥିକ ପୁରସ୍କାର ଘୋଷଣା କରିଛି । ପୁରୁଷ ହକି ଦଳର ଖେଳାଳିମାନଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ସହାୟକ କର୍ମଚାରୀଙ୍କ ଲାଗି ୧ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରାଯାଇଥିବା ବେଳେ ମହିଳା ଦଳ ଖେଳାଳିଙ୍କ ଲାଗି ୧ଲକ୍ଷ

ଟଙ୍କା ଲେଖାଏଁ ଓ ସହାୟକ କର୍ମଚାରୀଙ୍କ ଲାଗି ୫୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ଘୋଷଣା କରାଯାଇଛି ।

## ଆଇଏମ୍‌ଡି ଓ୍ୱେଦର

ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭଗେ ରେଡ୍‌ଓ୍ୱାର୍ଣ୍ଣିଂ ଜାରି କରିଛି । ଛତିଶଗଡ, ଗୁଜୁରାଟ, କୋଙ୍କଣ ଏବଂ ଗୋଆରେ ଆସନ୍ତା କାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ ବୋଲି ସୂଚନା ଦିଆଯାଇଛି । ଏହାବ୍ୟତୀତ ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ, ପୂର୍ବ ମଧ୍ୟପ୍ରଦେଶ, ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ହିମାଚଳ ପ୍ରଦେଶରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।